COURT OF THE TAHASILDAR PARJANG

# ତହସିଲ କାର୍ଯ୍ୟାଳୟ, ପରଜଙ୍ଗ, ଜିଲ୍ଲା – ଢେଙ୍କାନାଳ

ନୋଟିସ ସଂଖ୍ୟା ୧୪୨୪ ................/ତାରିଖ ୧୨.୦୬. ...............୨୦୨୦

ଏତଦ୍ଵାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମାନ୍ୟବର ଉଚ୍ଚ ନ୍ୟାୟାଳୟ, ଓଡ଼ିଶା, କଟକ ଙ୍କ W.P.(C) No.13210 of 2020 ର ଆଦେଶକୁ ଦୃଷ୍ଟିରେ ରଖି, ଓଡିଶା ସରକାରଙ୍କ ରାଜସ୍ଵ ବିଭାଗ ଅଧିନସ୍ଥ ପରଜଙ୍ଗ ତହସିଲ ଅନ୍ତର୍ଗତ ଲଘୁଖଣିଜ ଖାଦାନଗୁଡିକ ଆସନ୍ତା ୫ ବର୍ଷ ଦୀର୍ଘମିଆଦୀ ଲିଜ ନିମନ୍ତେ ବିଜ୍ଞପ୍ତି ସଂଖ୍ୟା.୧୨୯୧ ତା.୨୬.୦୫.୨୦୨୦ ମାଧ୍ୟମରେ ତହସିଲଦାର ପରଜଙ୍ଗଙ୍କ ଦ୍ଵାରା ଆହ୍ଵାନ କରାଯାଇଥିବା ଆବେଦନ ତାରିଖ ଯଥାକ୍ରମେ ତା.୧୬.୦୬.୨୦୨୦, ୨୪.୦୬.୨୦୨୦ ଓ ୨୯.୦୬.୨୦୨୦ରିଖ କୁ ସମ୍ପ୍ରସାରଣ କରାଯାଇ ତା.୦୨.୦୭.୨୦୨୦, ୦୯.୦୭.୨୦୨୦ ଓ ୧୭.୦୭.୨୦୨୦ରିଖ କୁ ଧାର୍ଯ୍ୟ କରାଗଲା । ଯାହାକି ନିମ୍ନ ସ୍ଵାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଥିବା ନିଲାମ ବାକ୍ସରେ କିମ୍ବା ରେଜେଷ୍ଟ୍ରି ପୋଷ୍ଟ କିମ୍ବା ସ୍ପିଡ ପୋଷ୍ଟ ମାଧ୍ୟମରେ ଅପରାହ୍ନ ୫ ଘଟିକା ୩୦ ମିନିଟ ସୁଦ୍ଧା ଦାଖଲ କରିପାରିବେ । ସମସ୍ତ ପ୍ରାପ୍ତ ହୋଇଥିବା ବନ୍ଦ ଲଫାପା ଗୁଡିକ ତା.୦୩.୦୭.୨୦୨୦ ରିଖ ପୂର୍ବାହ୍ନ ୧୧ ଘଟିକା ସମୟରେ ଲିଜ୍ ଦରଖାସ୍ତକାରୀ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଉପସ୍ଥିତିରେ ଖୋଲାଯାଇ ଦରଖାସ୍ତ ଗୁଡିକ ତନଖି କରାଯିବ ଏବଂ Additional charge ର ସର୍ବୋଚ୍ଚ ଦର ଧାର୍ଯ୍ୟ ଉଲ୍ଲେଖ କରିଥିବା ଦରଖାସ୍ତକାରୀଙ୍କ ସପକ୍ଷରେ ନିଲାମ ମଞ୍ଜୁର କରାଯିବ । ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ହେଲା ପରେ କୌଣସି ଦରଖାସ୍ତ ଗ୍ରହଣୀୟ ନୁହେଁ । ଅସମ୍ପୂର୍ଣ୍ଣ ଦରଖାସ୍ତଗୁଡିକ ବାତିଲ କରାଯିବ । ଯେଉଁ ସଇରାତ ଉତ୍ସଗୁଡିକ ଉପରୋକ୍ତ ତାରିଖରେ ଲିଜ ପାଇଁ ଚୁଡାନ୍ତ ହୋଇନପାରିବ ସେହି ସୈରାତଗୁଡିକ ପୁନଶ୍ଚ ପରବର୍ତ୍ତୀ ତା.୧୦.୦୭.୨୦୨୦ ଓ ୧୮.୦୭.୨୦୨୦ରିଖ ପୂର୍ବାହ୍ନ ୧୧ ଘଟିକା ସମୟରେ ନିଲାମ ହେବ । ଆହ୍ଵାନ କରାଯାଇଥିବା ଆବେଦନ ଓ ନିଲାମ ତାରିଖ ବ୍ୟତୀତ ଉପରଲିଖିତ ବିଜ୍ଞପ୍ତି ସଂଖ୍ୟା ୧୨୯୧ ତା.୨୬.୦୫.୨୦୨୦ରେ ଉଲ୍ଲେଖ କରାଯାଇଥିବା ସର୍ତ୍ତ ଓ ତଥ୍ୟାବଳୀ ଅପରିବର୍ତ୍ତୀତ ଅଟେ ।

ତହସିଲଦାର, ପରଜଙ୍ଗ
Tahasildar
Parjang

ସ୍ମାରକ ସଂଖ୍ୟା ୧୪୨୪ ................/ତାରିଖ ୧୨.୦୬. ...............୨୦୨୦

ଏହାର ଏକକିତା ନକଲ ଜିଲ୍ଲାପାଳ, ଢେଙ୍କାନାଳ/ଉପଜିଲ୍ଲାପାଳ, କାମାକ୍ଷାନଗର/ଗୋଷ୍ଠୀଉନ୍ନୟନ ଅଧିକାରୀ, ପରଜଙ୍ଗ/ସମସ୍ତ ଗ୍ରାମ ପଞ୍ଚାୟତ/ତହସିଲଦାର, ପରଜଙ୍ଗ ଓ ସମସ୍ତ ରାଜସ୍ଵ ନିରୀକ୍ଷକଙ୍କ କାର୍ଯ୍ୟାଳୟର ନୋଟିସ ବୋର୍ଡ/ସମ୍ପୃକ୍ତ ଗ୍ରାମର କୋଠଘର ଓ ସମ୍ପୃକ୍ତ ସୈରାତ ସ୍ଥଳରେ ସର୍ବସାଧାରଣଙ୍କ ଅବଗତି ଓ ବହୁଳ ପ୍ରଚାର ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ପରଜଙ୍ଗ
Tahasildar
Parjang